# Tech-BootCamp on Cyber Security – Organised at NIC, Bhubaneswar on 10th Nov 2022

ସମାଜ The Samaja 11.11.2022

## ସାଇବର ସୁରକ୍ଷା କର୍ମଶାଳା

# ଆପ୍ଲିକେସନ୍ସ ସଫ୍ଟୱେର୍ ପ୍ରକଳ୍ପର ସୁରକ୍ଷା ଅଡିଟ୍ ନିଶ୍ଚିତ କର



ଭୁବନେଶ୍ୱର,୧୦।୧୧ (ଆ.ପ୍ର): ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନଆଇସି) ଆନୁକୂଲ୍ୟରେ ବରିଷ୍ଠ ସରକାରୀ ପଦାଧିକାରୀମାନଙ୍କ ପାଇଁ ସୂଚନା ଏବଂ ସାଇବର ସୁରକ୍ଷା ଉପରେ ଆଜି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ବିଭିନ୍ନ ବିଭାଗର ୫୦ରୁ ଊର୍ଦ୍ଧ୍ୱ ଅଧିକାରୀ ତାଲିମ ଗ୍ରହଣ କରିଛନ୍ତି। ଟେଲି ଯୋଗାଯୋଗ ବିଭାଗ ଉପ ମହାନିର୍ଦ୍ଦେଶକ (ଟେକ୍ନୋଲୋଜି) ୟୁ ଭି ରମଣ କର୍ମଶାଳାକୁ ଉଦଘାଟନ କରି ୫-ଜି ଟେକ୍ନୋଲୋଜିର ବ୍ୟବହାର ଏବଂ ଆହ୍ୱାନ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ କବିତା ରୟ ଦାସ କର୍ମଶାଳାକୁ ସମ୍ବୋଧିତ କରି ସମସ୍ତ ଅଧିକାରୀଙ୍କୁ ସାଇବର ସୁରକ୍ଷାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେବାକୁ କହିଥିଲେ। ପ୍ରତ୍ୟେକ ବର୍ଷ ସମସ୍ତ ଆପ୍ଲିକେସନ୍ସ ସଫ୍ଟୱେର୍ ପ୍ରକଳ୍ପର ସୁରକ୍ଷା ଅଡିଟ୍ ସୁନିଶ୍ଚିତ କରିବାକୁ ଅନୁରୋଧ କରିଥିଲେ। ଯେତେବେଳେ ଆପ୍ଲିକେସନରେ କୌଣସି ବଡ଼ ପରିବର୍ତ୍ତନ ହୁଏ ସେତେବେଳେ ମଧ୍ୟ ସୁରକ୍ଷା ଅଡିଟର ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଇଥାଏ ବୋଲି ସେ କହିଥିଲେ।

ସେହିପରି ଉକ୍ତ କର୍ମଶାଳାରେ ହାଇଦରାବାଦ ଜାତୀୟ ଭିତ୍ତିଭୂମି ୟୁନିଟର ବୈଜ୍ଞାନିକ କାଶୀ ବିଶ୍ୱନାଥ କେଥିନେନି, ଭୁବନେଶ୍ୱରର ବୈଜ୍ଞାନିକ ନୀଳାଦ୍ରି ବିହାରୀ ମହାନ୍ତି ଏବଂ ଟେଲିଯୋଗାଯୋଗ ବିଭାଗ ଡିଡିଜି (ସୁରକ୍ଷା) ବିଜୟ ଭୂଷଣ ପାଣ୍ଡେ ପ୍ରମୁଖ ଯୋଗଦେଇ ନେଟୱର୍କ, ଇମେଲ୍ ଓ ସର୍ଭର ସୁରକ୍ଷା ଉପରେ ଆଲୋଚନା କରିଥିଲେ। ସମସ୍ତ ଡୋମେନର ଏସଏସଏଲ ପ୍ରୋଟୋକଲ ସୁନିଶ୍ଚିତ କରିବାକୁ ଏବଂ ନିୟମିତ ଭାବରେ ସର୍ଭର କିମ୍ବା ଭର୍ଚୁଆଲ୍ ମେସିନର ସଫ୍ଟୱେୟାର୍ ପ୍ୟାଚ୍ ଅପଡେଟ୍ କରିବାକୁ ସେମାନେ ଅନୁରୋଧ କରିଥିଲେ। ସାଇବର ସୁରକ୍ଷା ମାମଲା ଅଧ୍ୟୟନ ଏବଂ ସର୍ବୋତ୍ତମ ଅଭ୍ୟାସ, ସାଇବର ସୁରକ୍ଷା ଘଟଣା ରିପୋର୍ଟିଂ ଆଦି ଦିଗରେ କର୍ମଶାଳାରେ ବିସ୍ତୃତ ଆଲୋଚନା ହୋଇଥିଲା। ଶେଷରେ ଏନଆଇସି ତାଲିମ ବିଭାଗର ମୁଖ୍ୟ ସୁଶାନ୍ତ କୁମାର ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିବା ସହ ବିଭିନ୍ନ କ୍ଷେତ୍ରରେ ଏହିପରି ୬ଟି କର୍ମଶାଳା ଆୟୋଜନ କରାଯିବ ବୋଲି ସୂଚନା ଦେଇଥିଲେ।

ସମୟ The Samaya 11.11.2022

## ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ପକ୍ଷରୁ

# ବରିଷ୍ଠ ଅଧିକାରୀଙ୍କ ପାଇଁ ସୂଚନା ଓ ସାଇବର ସୁରକ୍ଷା କର୍ମଶାଳା



ଭୁବନେଶ୍ୱର, (ସବ୍ୟୁ) : ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ୍.ଆଇ.ସି.) ଭୁବନେଶ୍ୱର ଆନୁକୂଲ୍ୟରେ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀମାନଙ୍କ ପାଇଁ ସୂଚନା ଏବଂ ସାଇବର ସୁରକ୍ଷା ଉପରେ ଏକ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ବିଭିନ୍ନ ବିଭାଗର ୫୦ରୁ ଊର୍ଦ୍ଧ୍ୱ ଅଧିକାରୀମାନେ ଅଂଶଗ୍ରହଣ କରି ତାଲିମପ୍ରାପ୍ତ ହୋଇଥିଲେ । ବିଜ୍ଞାନ କେନ୍ଦ୍ରର ବୈଷୟିକ ଉପମହାନିର୍ଦ୍ଦେଶକ ୟୁ.ଭି.ରମଣ କର୍ମଶାଳାକୁ ଉଦଘାଟନ କରି ଟେଲି ଯୋଗାଯୋଗ ବିଭାଗ, ୫-ଜି ଟେକ୍ନୋଲୋଜିର ବ୍ୟବହାର ଏବଂ ଏହାର ଆହ୍ୱାନ ଉପରେ ଆଲୋକପାତ କରିଥିଲେ । ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ କବିତା ରାୟ ଦାସ ସମସ୍ତ ଅଧିକାରୀଙ୍କୁ ସାଇବର ସୁରକ୍ଷାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେବାକୁ କହିଥିଲେ । ପ୍ରତ୍ୟେକ ବର୍ଷ ପ୍ରତ୍ୟେକ ଆପ୍ଲିକେସନ୍ସ ସଫ୍ଟୱେୟାର ପ୍ରକଳ୍ପର ସୁରକ୍ଷା ଅଡ଼ିଟ୍ ସୁନିଶ୍ଚିତ କରିବା ସହ ଯେତେବେଳେ ଆପ୍ଲିକେସନ୍‌ରେ କୌଣସି ବଡ଼ ପରିବର୍ତ୍ତନ ହୁଏ ସେତେବେଳେ ମଧ୍ୟ ସୁରକ୍ଷା ଅଡ଼ିଟ୍‌ର ଆବଶ୍ୟକତାକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ ।

ହାଇଦ୍ରାବାଦ ସ୍ଥିତ ଜାତୀୟ ଭିତ୍ତିଭୂମି ୟୁନିଟ୍‌ର ବୈଜ୍ଞାନିକ କାଶୀ ବିଶ୍ୱନାଥ କେଥିନେନି, ଏନ୍.ଆଇ.ସି. ଭୁବନେଶ୍ୱରର ବୈଜ୍ଞାନିକ ନୀଳାଦ୍ରି ବିହାରୀ ମହାନ୍ତି, ସୁରକ୍ଷା ଉପମହାନିର୍ଦ୍ଦେଶକ ବିଜୟ ଭୂଷଣ ପାଣ୍ଡେ ପ୍ରମୁଖ ଏହି ଅବସରରେ ନେଟୱାର୍କ ସୁରକ୍ଷା, ଇମେଲ୍ ସୁରକ୍ଷା, ସର୍ଭର ସୁରକ୍ଷା ଉପରେ ଆଲୋଚନା କରିଥିଲେ । ସମସ୍ତ ଡୋମେନର ଏସଏସଏଲ ପ୍ରୋଟୋକଲ ସୁନିଶ୍ଚିତ କରିବାକୁ ଏବଂ ନିୟମିତ ଭାବରେ ସର୍ଭର କିମ୍ବା ଭର୍ଚୁଆଲ୍ ମେସିନର ସଫ୍ଟୱେୟାର ପ୍ୟାଚ୍ ଅପଡେଟ୍ କରିବାକୁ ସେମାନେ ପରାମର୍ଶ ଦେଇଥିଲେ । ସାଇବର ସୁରକ୍ଷା ମାମଲା ଅଧ୍ୟୟନ, ଏହାର ସର୍ବୋତ୍ତମ ଅଭ୍ୟାସ ଓ ସାଇବର ସୁରକ୍ଷା ଘଟଣାର ରିପୋର୍ଟିଂ ଆଦି ଦିଗରେ ବିସ୍ତୃତ ଆଲୋଚନା ହୋଇଥିଲା । ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଉପମହାନିର୍ଦ୍ଦେଶକ ଡକ୍ଟର ଅଶୋକ କୁମାର ହୋତା ଏହି କର୍ମଶାଳାକୁ ପରିଚାଳନା କରିଥିଲା ବେଳେ ଉପମହାନିର୍ଦ୍ଦେଶକ ତଥା ତାଲିମ ବିଭାଗର ମୁଖ୍ୟ ସୁଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ବରିଷ୍ଠ ଅଧିକାରୀଙ୍କ ପାଇଁ ସୂଚନା ଓ ସାଇବର ସୁରକ୍ଷା କର୍ମଶାଳା

**ନିର୍ଭୟ ମିଡିଆ : ଭୁବନେଶ୍ୱର**



ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ୍.ଆଇ.ସି.) ଭୁବନେଶ୍ୱର ଆନୁକୂଲ୍ୟରେ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀମାନଙ୍କ ପାଇଁ ସୂଚନା ଏବଂ ସାଇବର ସୁରକ୍ଷା ଉପରେ ଏକ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ବିଭିନ୍ନ ବିଭାଗର ୫୦ରୁ ଊର୍ଦ୍ଧ୍ୱ ଅଧିକାରୀ ଅଂଶଗ୍ରହଣ କରିଥିଲେ ।

ବିଜ୍ଞାନ କେନ୍ଦ୍ରର ବୈଷୟିକ ଉପମହାନିର୍ଦ୍ଦେଶକ ୟୁ.ଭି.ରମଣା କର୍ମଶାଳାକୁ ଉଦ୍‌ଘାଟନ କରି ଟେଲି ଯୋଗାଯୋଗ ବିଭାଗ, '୫-ଜି' ଟେକ୍ନୋଲୋଜିର ବ୍ୟବହାର ଏବଂ ଏହାର ଆହ୍ୱାନ ଉପରେ ଆଲୋକପାତ କରିଥିଲେ। ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ କବିତା ରାୟ ଦାସ ସମସ୍ତ ଅଧିକାରୀଙ୍କୁ ସାଇବର ସୁରକ୍ଷାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେବାକୁ କହିଥିଲେ। ପ୍ରତ୍ୟେକ ବର୍ଷ ପ୍ରତ୍ୟେକ ଆପ୍ଲିକେସନ୍ସ ସଫ୍ଟୱେୟାର ପ୍ରକଳ୍ପର ସୁରକ୍ଷା ଅଡିଟ୍ ସୁନିଶ୍ଚିତ କରିବା ସହ ଯେତେବେଳେ ଆପ୍ଲିକେସନ୍‌ରେ କୌଣସି ବଡ଼ ପରିବର୍ତ୍ତନ ହୁଏ ସେତେବେଳେ ମଧ୍ୟ ସୁରକ୍ଷା ଅଡିଟ୍‌ର ଆବଶ୍ୟକତାକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ହାଇଦ୍ରାବାଦସ୍ଥିତ ଜାତୀୟ ଭିତ୍ତିଭୂମି ୟୁନିଟ୍‌ର ବୈଜ୍ଞାନିକ କାଶୀ ବିଶ୍ୱନାଥ କେଥିନେନି, ଏନ୍.ଆଇ.ସି. ଭୁବନେଶ୍ୱରର ବୈଜ୍ଞାନିକ ନୀଳାଦ୍ରି ବିହାରୀ ମହାନ୍ତି, ସୁରକ୍ଷା ଉପମହାନିର୍ଦ୍ଦେଶକ ବିଜୟ ଭୂଷଣ ପାଣ୍ଡେ ପ୍ରମୁଖ ନେଟୱାର୍କ ସୁରକ୍ଷା, ଇମେଲ୍ ସୁରକ୍ଷା, ସର୍ଭର ସୁରକ୍ଷା ଉପରେ ଆଲୋଚନା କରିଥିଲେ । ସମସ୍ତ ଡୋମେନର ଏସଏସଏଲ ପ୍ରୋଟୋକଲ ସୁନିଶ୍ଚିତ କରିବାକୁ ଏବଂ ନିୟମିତ ଭାବରେ ସର୍ଭର କିମ୍ବା ଭର୍ଚୁଆଲ୍ ମେସିନର ସଫ୍ଟୱେୟାର ପ୍ୟାଚ୍ ଅପଡେଟ୍ କରିବାକୁ ସେମାନେ ପରାମର୍ଶ ଦେଇଥିଲେ । ସାଇବର ସୁରକ୍ଷା ମାମଲା ଅଧ୍ୟୟନ, ଏହାର ସର୍ବୋତ୍ତମ ଅଭ୍ୟାସ ଓ ସାଇବର ସୁରକ୍ଷା ଘଟଣାର ରିପୋର୍ଟିଂ ଆଦି ଦିଗରେ ଆଲୋଚନା ହୋଇଥିଲା । ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଉପମହାନିର୍ଦ୍ଦେଶକ ଡକ୍ଟର ଅଶୋକ କୁମାର ହୋତା କର୍ମଶାଳାକୁ ପରିଚାଳନା କରିଥିଲା ବେଳେ ଉପମହାନିର୍ଦ୍ଦେଶକ ତଥା ତାଲିମ ବିଭାଗର ମୁଖ୍ୟ ସୁଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ସତ୍ୟର ସ୍ୱର ନିର୍ଭୟ
satya-ra swara nirbhay
Daily Edition
FRIDAY | 11 NOVEMBER | 2022 |

# ପ୍ରଯୁକ୍ତିବିଦ୍ୟା ତାଲିମ୍ ନେବେ ସରକାରୀ ବାବୁ

ଭୁବନେଶ୍ୱର,୨୮।୧୦(ବ୍ୟୁରୋ): ବର୍ତ୍ତମାନ ସବୁ କ୍ଷେତ୍ରରେ ଡିଜିଟାଲାଇଜେସନ ହେବାରେ ଲାଗିଛି । ଇ-ଗର୍ଭନାନ୍ସର ଟେକ୍ନୋଲୋଜି (ପ୍ରଯୁକ୍ତିବିଦ୍ୟା) ଦିନକୁ ଦିନ ବ୍ୟାପକ ହେଉଛି । ରାଜ୍ୟ ସରକାରଙ୍କ ୫-ଟି ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ପଡ଼ିବ । ଏଥିପାଇଁ ସରକାରୀ ବଡ଼ ବାବୁମାନେ ହାଇଟେକ୍ ତାଲିମ୍ ନେବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି ।

ଏନେଇ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍ଆରଟିସି) ସିଏମ୍‌ଡି, ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର ନିର୍ଦ୍ଦେଶକ, ବନ୍ଦର ଏବଂ ଆଇଡବ୍ଲୁଟି ନିର୍ଦ୍ଦେଶକ, ମୁଦ୍ରଣ ଓ ପ୍ରକାଶନର ନିର୍ଦ୍ଦେଶକଙ୍କୁ ଗୁରୁବାର ସରକାରଙ୍କ ପକ୍ଷରୁ ଚିଠି ଲେଖାଯାଇଛି ।

ଚିଠିରେ ଉଲ୍ଲେଖ କରାଯାଇଛି, ସମସ୍ତ ବିଭାଗର ଉପସଚିବ କିମ୍ବା ତା'ଠାରୁ ଉପରସ୍ଥ ପାହ୍ୟା ଯୁକ୍ତ ଅଧିକାରୀ ଏହି ତାଲିମ୍ ନେବେ । ନ୍ୟାସନାଲ ଇନ୍‌ଫରମେଟିକ୍ସ ସେଣ୍ଟର (ଏନ୍‌ଆଇସି) ଟ୍ରେନିଂ ଡିଭିଜନ ଦ୍ୱାରା ତାଲିମ୍ ପରିଚାଳିତ ହେବ । ସରକାରୀ ଅଧିକାରୀମାନଙ୍କୁ ଏଥିପାଇଁ ଅନ୍‌ଲାଇନ୍ ପୋର୍ଟାଲରେ ପଞ୍ଜୀକରଣ କରିବାକୁ ପଡ଼ିବ । ଆସନ୍ତା ନଭେମ୍ବର ୧୦ରୁ ମାର୍ଚ୍ଚ ୯ ତାରିଖ ଯାଏ ଏହି ତାଲିମ୍ ଚାଲିବ । ଇନ୍‌ଫର୍ମେସନ ସିକ୍ୟୁରିଟି ଆଣ୍ଡ ରିସ୍କ ମ୍ୟାନେଜ୍‌ମେଣ୍ଟ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ଏମ୍‌ପାୱାରିଂ ଇ-ଗଭର୍ଣ୍ଣାନ୍ସ ଓ ଗଭର୍ଣ୍ଣମେଣ୍ଟ ଡାଟା ଫର୍ ଟ୍ରାନ୍ସଫରେନ୍ସି ବାବଦରେ ତାଲିମ୍ ଦିଆଯିବ । ତାଲିମ୍ ଦ୍ୱାରା ସରକାରୀ ଅଧିକାରୀଙ୍କ ଟେକ୍ନୋଲୋଜି ସମ୍ବନ୍ଧ ଜ୍ଞାନ ବଢ଼ିବ । ଡିଜିଟାଲ ଦୁନିଆରେ ସେମାନେ ନିଜକୁ ଅଭ୍ୟସ୍ତ କରାଇବେ ।